2024-25

| | | |
|---|---|---|
| C | 75 | ଭେଣ୍ଡି ବିହନ ଲଗାଇବା ସମୟରେ ଉନ୍ନତ କିସମ ପାଇଁ ମୂଳ ସାର ହିସାବରେ ଏକର ପ୍ରତି ୨୬ କିଲୋଗ୍ରାମ ଡିଏପି, ୨୦କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସହିତ ୧୦କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରି ଧାଡିକୁ ଧାଡି ୩୦ ସେମି ଏବଂ ଗଛକୁ ଗଛ ୩୦ସେମି ବ୍ୟବଧାନ ରେ ଲଗାନ୍ତୁ । |
| | | Send On : 2025-03-25 10:05:31 (38952) |
| C | 74 | କଲରା ଫସଲରେ ନାଲି କଖାରୁ ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ Cyantraniliprole କିମ୍ବା ୬୦ ମିଲି ଇମିଡାକ୍ଲୋପ୍ରିଡ କିମ୍ବା ୪୦୦ ମିଲି କ୍ଲୋରୋପାଇରିଫସ ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| | | Send On : 2025-03-25 10:05:31 (38952) |
| C | 73 | ମୃତିକା ଓ କିସମ ଅନୁଯାଇ ଆଳୁ ରୋଇବାର ୭୫ ରୁ ୮୫ ଦିନ ପରେ ଅମଳ ପାଇଁ ଉପଯୋଗୀ ହୋଇଥାଏ । ଅମଳର ୧୫ ଦିନ ପୂର୍ବରୁ ଜଳ ସେଚନ ବନ୍ଦ କରି ଦିଅନ୍ତୁ । ଅମଳ ପରେ ୨୪ ଘଣ୍ଟା ଆଳୁକୁ ଛାଇରେ ଶୁଖାନ୍ତୁ । କ୍ଷତିଗ୍ରସ୍ତ ଓ ପଚି ନଷ୍ଟ ହୋଇଯାଇଥିବା ଆଳୁକୁ ବାହାର କରି ଦିଅନ୍ତୁ । |
| | | Send On : 2025-03-25 10:05:31 (38952) |
| C | 72 | ବିରି ଏବଂ ମୁଗ ଫସଲରେ ପାଉଶଁଆ ରୋଗର ପରିଚାଳନା ପାଇଁ ଏକର ପ୍ରତି ୮୦୦ ଗ୍ରାମ ସଲଫର କିମ୍ବା ୩୦୦ମିଲି ହେକ୍ସାକୋନାଜୋଲ କିମ୍ବା ୨୦୦ ମିଲି ପ୍ରୋପିକୋନାଜୋଲ କିମ୍ବା ୧୦୦ ମିଲି ପେନକୋନାଜୋଲ ନାମକ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| | | Total No of Farmer : - 149465 Advisory Date :-3/4/2025 10:28:33 AM |
| C | 71 | ବର୍ତ୍ତମାନ ଜଳବାୟୁରେ ପିଜୁଳି ଓ ଆମ୍ବରେ ଦହିଆ ପୋକ ଲାଗିବାର ସମ୍ଭାବନା ଅଛି। ଏହାର ନିୟନ୍ତ୍ରଣ ପାଇଁ ଫେବ୍ରୁଆରି ଓ ମାର୍ଚ୍ଚ ମାସରେ ୨ ମିଲି ଡାଇମେଥୋଏଟ ୩୦ ଇ.ସି ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |
| | | Total No of Farmer : - 101044 Advisory Date :-3/4/2025 10:22:20 AM |
| L | 70 | ବର୍ତ୍ତମାନ ତାପମାତ୍ରା ବୃଦ୍ଧି ପାଉଥିବାରୁ ଗାଈଗୋରୁମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ପିଇବା ପାଣି ଲୁଣ ମିଶାଇ ଦିଅନ୍ତୁ । ଗାଈଗୋରୁମାନେ ଯେପରି ଛାଇ ସ୍ଥାନରେ ରହିବେ ସେଥି ପ୍ରତି ଦୃଷ୍ଟି ଦିଅନ୍ତୁ । |
| | | Total No of Farmer : - 108281 Advisory Date :-3/4/2025 9:55:25 AM |
| C | 69 | ଚିନାବାଦାମ ଫସଲରେ କାଣ୍ଡ ପଚା ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମି.ଲି ଭାଲିଡାମାଇସିନ ନାମକ ଫିମ୍ପିନାଶକ କିମ୍ବା ୩୦୦ ଗ୍ରାମ କ୍ୟାପଟାନ ଓ ହେକ୍ସାକୋନାଜୋଲର ମିଶ୍ରିତ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ମାଟିକୁ ଭଲ ଭାବରେ ଭିଜାନ୍ତୁ । |
| | | Total No of Farmer : - 149465 Advisory Date :-2/27/2025 12:37:15 PM |
| C | 68 | ବର୍ତ୍ତମାନ ମାଟିର ତାପମାତ୍ରା ୫ ରୁ ୧୦ ସେମି ଗଭୀରରେ ୩୦ ଡିଗ୍ରୀ ସେଲସିୟସରୁ ଅଧିକ ରହୁଥିବାରୁ ତାହା ଆଳୁ ଫସଲକୁ ପ୍ରଭାବିତ କରିଥାଏ । ତେଣୁ ମାଟିକୁ ଆବଶ୍ୟକୀୟ ଆଚ୍ଛାଦିକାରଣ ଓ ଜଳ ସେଚନ କରନ୍ତୁ । |
| | | Total No of Farmer : - 101046 Advisory Date :-2/25/2025 3:54:57 PM |
| C | 67 | ମୁଗ ଏବଂ ବିରି ଫସଲରେ ଉକୁଣିଆ ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୬୦ ମି.ଲି. ସ୍ପାଇନେଟୋରାମ ୧୧.୭ ଏସ.ସି.କୁ ୧୨ ଡ୍ରମ ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । |
| | | Total No of Farmer : - 149480 Advisory Date :-2/25/2025 3:38:49 PM |
| C | 66 | ଚିନାବାଦାମ ଫସଲରେ ଉକୁଣିଆ ପୋକର ନିୟନ୍ତ୍ରଣ ପାଇଁ ୪୦୦ ମିଲି ଡାଇମେଥୋଏଟ କିମ୍ବା ୫୦ ମି.ଲି ଇମିଡାକ୍ଲୋପ୍ରିଡ ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । |

| | | |
|---|---|---|
| | | Total No of Farmer : - 149480 Advisory Date :-2/18/2025 9:16:13 AM |
| C | 65 | ମୁଗ ଏବଂ ବିରି ଫସଲରେ ଧଳା ମାଛିର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୪୦୦ ମିଲି ଟ୍ରାୟାଜୋଫସ କିମ୍ବା ୪୦ ଗ୍ରାମ ଏସିଟାମିପ୍ରିଡ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 149480 Advisory Date :-2/17/2025 5:55:02 PM |
| L | 64 | ବର୍ତ୍ତମାନ ଗାଈଗୋରୁଙ୍କ ଠାରେ ଚର୍ମବିଣ୍ଡି ରୋଗ ବ୍ୟାପୁଛି। ଏହି ରୋଗର ଲକ୍ଷଣରେ ଦେହରେ ଆବୁ ଫଳି ଯିବା ସହ ଜ୍ୱର ଆସିଥାଏ ଓ ଦୁଗ୍ଧ ଉତ୍ପାଦନ କମିଯାଇଥାଏ। ଏହି ରୋଗ ମୁଖ୍ୟତଃ ମଶା, ମାଛି ଓ ଡାଆଁସ ଦ୍ୱାରା ବ୍ୟାପିଥାଏ । ତେଣୁ ଗୁହାଳ ପରିସରକୁ ସଫା ରଖନ୍ତୁ। ଲକ୍ଷଣ ଦେଖାଦେଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ସହ ଯୋଗାଯୋଗ କରନ୍ତୁ। |
| | | Total No of Farmer : - 108281 Advisory Date :-2/17/2025 5:52:59 PM |
| C | 63 | ଆମ୍ବ ବଗିଚାରେ ଝଡା ପତ୍ର ସବୁ ସଂଗ୍ରହ କରି ମେଘୁଆ ବା କୁହୁଡିଆ ପାଗରେ ଆମ୍ବ ଗଛ ମୂଳରେ ଧୂଆଁ ଦେଲେ ଗଛରେ ଆମ୍ବ ଡାହାଣୀ ସଂଖ୍ୟା କମିଯାଏ। |
| | | Total No of Farmer : - 101044 Advisory Date :-2/17/2025 5:49:23 PM |
| C | 62 | ମୁଗ ଓ ବିରି ଫସଲରେ ବର୍ତ୍ତମାନ ସମୟରେ ଜଉ ପୋକ ଲାଗିବାର ସମ୍ଭାବନା ରହିଛି। ମୁଗ ଓ ବିରି ଫସଲରେ ପ୍ରାଥମିକ ଅବସ୍ଥାରେ ଜଉ ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 149480 Advisory Date :-2/11/2025 3:27:34 PM |
| L | 61 | କୁକୁଡା ଚିଆଁମାନଙ୍କୁ ଘୁମା ରୋଗ ନହେବା ପାଇଁ ୭ ଦିନିଆ ଚିଆଁକୁ LaSota ନାମକ ଟୀକା ଓ ୧୩ ରୁ ୧୫ ଦିନିଆ ଚିଆଁକୁ IBD ଟୀକାକରଣ କରନ୍ତୁ । |
| | | Total No of Farmer : - 108281 Advisory Date :-2/11/2025 3:24:41 PM |
| C | 60 | ଝୁଡୁଙ୍ଗ ଫସଲରେ ସର୍କୋସ୍ପୋରା ଜନିତ ପତ୍ରପୋଡା ରୋଗ ଦେଖାଦେଲେ ୨୦୦ ମି.ଲି. ଡାଇଫେନୋକୋନାଜୋଲ ୨୫% ଇ.ସି. କିମ୍ବା ୪୦୦ ଗ୍ରାମ କାର୍ବେଣ୍ଡାଜିମ ୧୨% + ମାଙ୍କୋଜେବ ୬୩% ଡବ୍ଲୁ.ପି. ମିଶ୍ରିତ ଫିମ୍ପି ନାଶକ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ \| |
| | | Total No of Farmer : - 101035 Advisory Date :-2/11/2025 3:23:05 PM |
| C | 59 | ନଡ଼ିଆରେ ଗଣ୍ଡାପୋକ ଦେଖାଦେଲେ ନଡିଆ ବଗିଚା ପାଖରେ ଥିବା ଖତଗଦାକୁ ସଫା କରନ୍ତୁ ଓ କ୍ଲୋରୋପାଇରିଫସ ୧.୫% ଗୁଣ୍ଡ ପକାଇ ବିଶୋଧନ କରନ୍ତୁ । |
| | | Total No of Farmer : - 101044 Advisory Date :-2/7/2025 9:48:04 AM |
| C | 58 | ଟମାଟୋ ଫସଲରେ ସଅଳ ପତ୍ର ପୋଡା ଏବଂ ଉଛୁର ପତ୍ର ପୋଡା ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ ମାଙ୍କୋଜେବ କିମ୍ବା ୫୦୦ ଗ୍ରାମ ଜିନେବ ନାମକ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ୭ ଦିନ ଅନ୍ତରରେ ୨ ରୁ ୩ ଥର ସିଂଚନ କରନ୍ତୁ । |
| | | Total No of Farmer : - 101035 Advisory Date :-2/6/2025 3:00:19 PM |
| E | 57 | ଗେଣ୍ଡୁ ଫସଲରେ କଢ଼ ଓ ଫୁଲଖିଆ ପୋକ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ ୨୦% ଇ.ସି. କିମ୍ବା ୨ ମି.ଲି. କ୍ୱିନାଲଫସ ୨୫% ଇ.ସି. କିମ୍ବା ୨ ମି.ଲି. ପ୍ରୋଫେନୋଫସ ୫୦% ଇ.ସି. ମିଶାଇ ପତ୍ର ସିଞ୍ଚନ କରନ୍ତୁ \| |
| | | Total No of Farmer : - 101044 Advisory Date :-2/5/2025 9:12:21 AM |
| C | 56 | ଝୁଡୁଙ୍ଗ ଫସଲରେ ସମ୍ବାଳୁଆ ପୋକ ସଂକ୍ରମଣ ଦେଖାଦେଲେ ପ୍ରତି ଲିଟର ପାଣିରେ ଫ୍ଲୁବେଣ୍ଡିଆମାଇଡ ୩୯.୩୫% ଏ..ସି. @ ୮୦ ମି.ଲି ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |

| | | |
|---|---|---|
| | | Total No of Farmer : - 101044 Advisory Date :-1/31/2025 3:39:36 PM |
| C | 55 | ମୁଗ ଏବଂ ବିରି ଫସଲରେ ସମ୍ବାଲୁଆ ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି କ୍ଲୋରୋପାଇରିଫସ ଏବଂ ସାଇପରମେଥ୍ରିନର ମିଳିତ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପୋକ ଗୁଡିକ ରାତ୍ରିଚର ହୋଇଥିବାରୁ କୀଟନାଶକକୁ ସନ୍ଧ୍ୟା ସମୟରେ ପ୍ରୟୋଗ କରନ୍ତୁ । ଏକର ପ୍ରତି ୧୦ କିଗ୍ରା କ୍ଲୋରୋପାଇରିଫସ ଗୁଣ୍ଡକୁ ହିଡ ଉପରେ ପ୍ରୟୋଗ କରନ୍ତୁ। |
| | | Total No of Farmer : - 149480 Advisory Date :-1/31/2025 3:37:12 PM |
| C | 54 | ନଡ଼ିଆରେ ନାଲି ଘୁଣି ପୋକ ଦେଖାଦେଲେ ଗଣ୍ଡିରେ ହୋଇଥିବା କଣାରେ କାର୍ବୋଫ୍ୟୁରାନ  ୩% ଜି.+ ବାଲି ୧:୧ ଅନୁପାତରେ ମିଶାଇ କଣାକୁ ବନ୍ଦ କରିଦିଅନ୍ତୁ। |
| | | Total No of Farmer : - 101044 Advisory Date :-1/28/2025 11:44:14 AM |
| C | 53 | ଚିନାବାଦାମ ଫସଲରେ କାଣ୍ଡ ପଚା ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମି.ଲି ଭାଲିଡାମାଇସିନ କିମ୍ବା ୩୦୦ ଗ୍ରାମ କ୍ୟାପଟାନ ଓ ହେକ୍ସାକୋନାଜୋଲର ମିଶ୍ରିତ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ମାଟିକୁ ଭଲ ଭାବରେ ଭିଜାନ୍ତୁ । |
| | | Total No of Farmer : - 149465 Advisory Date :-1/28/2025 11:35:35 AM |
| F | 52 | ଶୀତ ଋତୁରେ ମାଛମାନଙ୍କୁ "EUS" (Epizootic ulcerative syndrome) ରୋଗ ହେବାର ସମ୍ଭାବନା ଅଛି । ତେଣୁ ଏକର ପ୍ରତି cifax @ ୪୦୦ ମିଲି ୪୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ମାଛ ପୋଖରୀରେ ଜୈବିକ ପଦାର୍ଥ ଯଥା ଗୋବର ଖତ, କୁକୁଡା ମଳ ଇତ୍ୟାଦି ପ୍ରୟୋଗ କରନ୍ତୁ ନାହିଁ । |
| | | Total No of Farmer : - 64249 Advisory Date :-1/22/2025 9:33:56 AM |
| C | 51 | ଟମାଟୋ ଫସଲରେ ରାସାୟନିକ ଉପାୟରେ ଧଳା ମାଛି ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ ଥାୟୋମେଥୋକ୍ସାମ କିମ୍ବା ୨୦୦ ମିଲି ପାଇରିପ୍ରୋକ୍ସିଫେନ କିମ୍ବା ୨୫୦ ମିଲି ସ୍ପାଇରୋମେସିଫେନ ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| | | Total No of Farmer : - 101044 Advisory Date :-1/22/2025 9:18:50 AM |
| C | 50 | ଚିନାବାଦାମରେ ଧବଳ ଭୃଙ୍ଗ ପୋକର ନିୟନ୍ତ୍ରଣ ପାଇଁ ଏକ ଲିଟର ପାଣିରେ ୬ ମିଲି କ୍ଲୋରୋପାଇରିଫସ କିମ୍ବା ୧ ମିଲି ଇମିଡାକ୍ଲୋପ୍ରିଡ ୩୦.୫ ଏସ.ସି ମିଶାଇ ଗଛ ମୂଳକୁ ଭିଜାନ୍ତୁ । |
| | | Total No of Farmer : - 149480 Advisory Date :-1/22/2025 9:15:29 AM |
| L | 49 | ଗାଈଗୋରୁମାନଙ୍କୁ FMD, Haemorrhagic Septicaemia, Black Quarter, Enterotoxemia ଆଦି ରୋଗ ପାଇଁ ଟୀକା କାରଣ କରନ୍ତୁ । |
| | | Total No of Farmer : - 108281 Advisory Date :-1/22/2025 9:13:13 AM |
| C | 48 | ଲଙ୍କାମରିଚ ଫସଲରେ ଅଷ୍ଟପଦୀର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ଏଥିଅନ କିମ୍ବା ୨୦୦ ମିଲି ସ୍ପାଇରୋମେସିଫେନ କିମ୍ବା ୬୦୦ ମିଲି ପ୍ରୋପାରଜାଇଟ ନାମକ କୀଟନାଶକ ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| | | Total No of Farmer : - 101044 Advisory Date :-1/17/2025 1:40:48 PM |
| C | 47 | କଖାରୁଜାତୀୟ ପନିପରିବା ଫସଲରେ ନିମ୍ନମୁଖୀ ପାଉଁଶିଆ ରୋଗ ଦେଖାଦେଲେ, ଏହାର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୪୦୦ଗ୍ରାମ ମେଟାଲାକ୍ସିଲ ୮% + ମାଙ୍କୋଜେବ ୬୪% W.P କିମ୍ବା ୬୦୦ ଗ୍ରାମ ଫୋସେଟିଲ -ଏଏଲ ୮୦ % WP ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| | | Total No of Farmer : - 101035 Advisory Date :-1/16/2025 3:15:10 PM |

| | | |
|---|---|---|
| C | 46 | ଟମାଟୋ ଫସଲରେ ଧଳା ମାଛିକୁ ଆକୃଷ୍ଟ କରିବା ପାଇଁ ଏକର ପ୍ରତି ୮ ରୁ ୧୦ଟି ହଳଦିଆ ଅଠା ଯନ୍ତ୍ର ବ୍ୟବହାର କରନ୍ତୁ। ପ୍ରାଥମିକ ଅବସ୍ଥାରେ ଏହାର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମକୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |
| | | Total No of Farmer : - 101044 Advisory Date :-1/12/2025 11:33:37 AM |
| C | 45 | ଚିନାବାଦାମ ଫସଲରେ ପ୍ରାଥମିକ ଅବସ୍ଥାରେ ପତ୍ର ସୁଡଙ୍ଗୀ ପୋକର ପରିଚାଳନା ପାଇଁ ଏକର ପ୍ରତି ୧ ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ ପିପିଏମକୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି ପ୍ରୋଫେନୋଫସ କିମ୍ବା ୪୦୦ ମିଲି କ୍ଲୋରୋପାଇରିଫସ ଏବଂ ସାଇପରମେଥ୍ରୀନର ମିଳିତ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |
| | | Total No of Farmer : - 149480 Advisory Date :-1/12/2025 11:30:38 AM |
| C | 44 | ଟମାଟୋ ଫସଲରେ ଫଳ ଓ କାଣ୍ଡବିନ୍ଧା ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଲେଖାଏଁ ଫେରୋମୋନ ଟ୍ରାପ ବ୍ୟବହାର କରନ୍ତୁ। |
| | | Total No of Farmer : - 101044 Advisory Date :-12/27/2024 3:29:03 PM |
| C | 43 | କମ୍ ତାପମାତ୍ରା ଓ କୁହୁଡିଆ ପାଗ ଯୋଗୁଁ ରବି ଫସଲରେ ଶୋଷକ କୀଟ, ପତ୍ରପୋଡା ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ରହିଛି। ଏହାର ନିରାକରଣ ବ୍ୟବସ୍ଥା କରନ୍ତୁ । |
| | | Total No of Farmer : - 149465 Advisory Date :-12/27/2024 3:26:35 PM |
| C | 42 | ବର୍ଷା ପରେ ପନିପରିବା ଫସଲରେ ପତ୍ର ପୋଡା, ଝାଉଂଳା ଓ ମୂଳସଢା ଦେଖା ଦେବାର ସମ୍ଭାବନା ଅଛି। ତେଣୁ ବର୍ଷା ଛାଡିଗଲା ପରେ ପ୍ରତି ୧ ଲିଟର ପାଣିରେ ୨ ଗ୍ରାମ ମେଟାଲାକ୍ସିଲ + ମାଙ୍କୋଜେବ କିମ୍ବା ୨ ଗ୍ରାମ କାର୍ବେଣ୍ଡାଜିମ + ମାଙ୍କୋଜେବ ଓ ୧ ଗ୍ରାମ ପ୍ଲାଣ୍ଟୋମାଇସିନକୁ ମିଶାଇ ଫସଲ ମୂଳକୁ ସିଂଚନ କରନ୍ତୁ। |
| | | Total No of Farmer : - 101035 Advisory Date :-12/27/2024 3:21:32 PM |
| L | 41 | ଶୀତଦିନେ PPP ଭାଇରାଲ ରୋଗ (ଛେଳି ମହାମାରୀ ଭାବେ ଜଣାଶୁଣା) ଛେଳି ଓ ମେଣ୍ଢା ମାନଙ୍କ ଠାରେ ନିମୋନିଆ ଏବଂ କାଶ ସୃଷ୍ଟି କରେ। ଏହାଦ୍ଵାରା ପଶୁମାନେ ଅସ୍ଥିର ଦେଖାଯାନ୍ତି ଓ ଗର୍ଭବତୀ ପ୍ରାଣୀ ଗର୍ଭପାତ କରି ପାରନ୍ତି। ତେଣୁ ପଶୁମାନଙ୍କୁ ଉଚିତ ଟୀକାକରଣ କରନ୍ତୁ। |
| | | Total No of Farmer : - 108281 Advisory Date :-12/21/2024 10:29:01 AM |
| W | 40 | ଆଗାମୀ ଶନିବାର ଓ ରବିବାର ଦିନ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପରିବାକୁ ଯଥାଶୀଘ୍ର ଅମଳ କରି ଦିଅନ୍ତୁ। ଜମିରୁ ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁକୁ ଖୋଲା ରଖନ୍ତୁ। ଟମାଟୋ, ଲଙ୍କା, ବାଇଗଣ ଆଦି ଚାରାକୁ ପଲିଥିନ କିମ୍ବା ପ୍ଲାଷ୍ଟିକ ଦ୍ୱାରା ଆଚ୍ଛାଦନ କରି ରଖନ୍ତୁ, ଯେପରିକି ଏହା ବର୍ଷାଦ୍ୱାରା ପ୍ରଭାବିତ ହେବ ନାହିଁ। |
| | | Total No of Farmer : - 101046 Advisory Date :-12/21/2024 10:25:13 AM |
| W | 39 | ଆଗାମୀ ଶନିବାର ଓ ରବିବାର ଦିନ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ଥିବାରୁ ଧାନ ଅମଳ ସ୍ଥଗିତ ରଖନ୍ତୁ। ଅମଳ ହୋଇଯାଇଥିବା ଧାନକୁ ବର୍ଷାରୁ ରକ୍ଷାକରିବା ପାଇଁ ପଲିଥିନ ଘୋଡ଼ାଇ ସୁରକ୍ଷିତ ରଖନ୍ତୁ। ଜମିରୁ ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁକୁ ଖୋଲା ରଖନ୍ତୁ। ଧାନ ଗଛ ପଡି ଯାଇଥିଲେ ବର୍ଷା ପରେ ହଳା କରି ଟେକନ୍ତୁ। |
| | | Total No of Farmer : - 149477 Advisory Date :-12/21/2024 10:20:20 AM |

| | | |
|---|---|---|
| C | 38 | ବର୍ତମାନ କମ ତାପମାତ୍ରା ଓ କୁହୁଡିଆ ପାଗ ରହୁଥିବାରୁ ଟମାଟୋରେ ପତ୍ର ପୋଡା ଲାଗିବାର ସମ୍ଭାବନା ଅଛି।ଏହି ରୋଗର ନିୟନ୍ତ୍ରଣ କରିବା ପାଇଁ ମେଟାଲାକ୍ସିଲ + ମାଙ୍କୋଜେବ ୪୦୦ ଗ୍ରାମ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। ବିହନ ବିଶୋଧନ କରିବା ସମୟରେ ୩ ଗ୍ରାମ ଟ୍ରାଇକୋଡରମା ୧ କେଜି ଟମାଟୋ ମଞ୍ଜିରେ ଗୋଳାଇ ବିଶୋଧନ କରନ୍ତୁ। |
| | | Total No of Farmer : - 101035 Advisory Date :-12/14/2024 1:30:57 PM |
| L | 37 | ଶୀତ ଋତୁରେ କୁକୁଡାମାନଙ୍କୁ ଅଧିକ ପରିମାଣର ଖାଦ୍ୟ ଓ ପାଣି ଦିଅନ୍ତୁ। କୁକୁଡାମାନଙ୍କୁ ଉଚିତ ସମୟରେ ଟୀକା କରଣ କରନ୍ତୁ। |
| | | Total No of Farmer : - 108281 Advisory Date :-12/14/2024 1:26:05 PM |
| E | 36 | ଅମଳପରେ ଧାନକୁ ଭଲଭାବେ ଖରାରେ ୩ ରୁ ୪ ଦିନ ଶୁଖାଇ ସାଇତି ରଖନ୍ତୁ। ବିହନ ପାଇଁ ୧୨% ଆଦ୍ରତା ଓ ଖାଦ୍ୟ ଉପଯୋଗୀ ପାଇଁ ୧୪% ଆଦ୍ରତା ରହିବା ଆବଶ୍ୟକ । |
| | | Total No of Farmer : - 149477 Advisory Date :-12/14/2024 1:22:40 PM |
| C | 35 | ବାଇଗଣରେ ପତ୍ର ଖିଆ ଓ ଫଳ ବିନ୍ଧା ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ଏମାମେକ୍ଟିନ ବେଞ୍ଜୋଏଟ ୮୦ ଗ୍ରାମ କିମ୍ବା ସ୍ପିନୋସାଡ ୮୦ ମିଲି, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |
| | | Total No of Farmer : - 101044 Advisory Date :-12/5/2024 12:41:09 PM |
| E | 34 | ବର୍ତ୍ତମାନ ତାପମାତ୍ରା କମ ରହୁଥିବାରୁ, ପନିପରିବା ମଞ୍ଜି ଶୀଘ୍ର ଗଜା ହେବା ପାଇଁ, ତଳିଘେରାରେ ପଲିଥିନ ଦ୍ଵାରା ଆଚ୍ଛାଦିକରଣ ବ୍ୟବସ୍ଥା କରନ୍ତୁ। |
| | | Total No of Farmer : - 101047 Advisory Date :-12/4/2024 10:18:19 AM |
| L | 33 | କୁକୁଡା ରଖିବା ଘରେ ଉତ୍ତାପ ବଜାୟ ରଖିବା ପାଇଁ ରୁମ ହିଟର କିମ୍ବା ୨୦୦ ୱାଟ ବଲ୍ ଲଗାନ୍ତୁ। |
| | | Total No of Farmer : - 108281 Advisory Date :-12/4/2024 10:13:28 AM |
| F | 32 | ଶୀତ ଋତୁରେ ମାଛମାନଙ୍କ ଦେହରେ କବକ, ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖା ଯାଇଥାଏ। ଏହି ରୋଗମାନଙ୍କର ନିରାକରଣ ପାଇଁ ଏକ ଏକର ପୋଖରୀ ପ୍ରତି CIFAX @ ୪୦୦ ମିଲି ୪୦ ଲିଟର ପାଣିରେ ମିଶାଇ ବିଶୋଧନ କରନ୍ତୁ। ପ୍ରତି ଦିନ ମାଛମାନଙ୍କୁ ତେଲ ପିଡିଆ ଖାଇବାକୁ ଦିଅନ୍ତୁ। |
| | | Total No of Farmer : - 64249 Advisory Date :-12/4/2024 10:11:23 AM |
| A | 31 | ଧାନ ଅମଳ ସମୟରେ ମୂଷାକୁ ନିୟନ୍ତ୍ରଣ କରିବା ପାଇଁ ମୂଷା ଗାତକୁ ଚିହ୍ନଟ କରି ତା ଉପରେ କାଦୁଅ ଲିପି ଗାତ ବନ୍ଦ କରି ଦିଅନ୍ତୁ। ତା ପର ଦିନ ଯେଉଁ ଗାତ ମୁହଁ ଖୋଲାଥିବ ସେ ଗାତରେ ଆଲୁମିନିୟମ ଫସଫାଇଡ ୬% ବଟିକା (ଗୋଟେ ବଟିକା ୧୨ ଗ୍ରାମ) କନାରେ ବାନ୍ଧି ଗାତ ପିଛା ଗୋଟିଏ ରଖି ଗାତ ମୁହଁକୁ କାଦୁଅରେ ବନ୍ଦ କରି ଦିଅନ୍ତୁ । |
| | | Total No of Farmer : - 149477 Advisory Date :-11/29/2024 12:20:40 PM |
| C | 30 | ପୋଟଳରେ ନିମ୍ନମୁଖୀ ପାଉଁଶିଆ ରୋଗ ଦେଖାଦେଲେ, ଏହାର ନିୟନ୍ତ୍ରଣ ପାଇଁ ଏକର ପ୍ରତି ମେଟାଲାକ୍ସିଲ ୮% + ମାଙ୍କୋଜେବ ୬୪% ଡବ୍ଲ୍ୟୁ.ପି ୪୦୦ ଗ୍ରାମ ହିସାବରେ କିମ୍ବା ଫୋସେଟିଲ-ଏ.ଏଲ. ୮୦% ଡବ୍ଲ୍ୟୁ.ପି ୬୦୦ ଗ୍ରାମ ହିସାବରେ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| | | Total No of Farmer : - 101035 Advisory Date :-11/29/2024 12:15:26 PM |
| C | 29 | ନଭେମ୍ବର ମାସ ହେଉଛି ବାମନ କଦଳୀ ଲଗାଇବାର ପ୍ରକୃଷ୍ଟ ସମୟ। କ୍ୟାଭେଣ୍ଡିସ ଓ ରୋବଷ୍ଟା ଆଦି କିସମ ୨ X ୨ ମିଟର ଦୂରତାରେ ୦.୫ X ୦.୫ X ୦.୫ ମିଟର ଗାତ କରି ଲଗାନ୍ତୁ । ୩୦୦ ରୁ ୪୦୦ ଗ୍ରାମ ଓଜନର ରୋଗବିହୀନ ପୁଆ କିମ୍ବା ଟିସୁ କଲଚର ପୁଆ ଲଗାନ୍ତୁ । |
| | | Total No of Farmer : - 101046 Advisory Date :-11/26/2024 4:16:06 PM |

| | | |
|---|---|---|
| F | 28 | ଶୀତଋତୁରେ ମାଛ ପୋଖରୀରେ ୬ ଫୁଟ ପର୍ଯ୍ୟନ୍ତ ପାଣି ରଖନ୍ତୁ। ତାପମାତ୍ରା ହ୍ରାସ ଯୋଗୁଁ ମାଛମାନେ କମ ପରିମାଣର ଖାଦ୍ୟ ଗ୍ରହଣ କରିଥାନ୍ତି। ତେଣୁ ଶୀତଦିନ ତାପମାତ୍ରାକୁ ଦୃଷ୍ଟିରେ ରଖି ୫୦ ରୁ ୭୫% କମ ଖାଦ୍ୟ ଦିଅନ୍ତୁ। ମାଛ ପୋଖରୀରେ ଜୈବିକ ପଦାର୍ଥ ଯଥା- ଗୋବର ଖତ, କୁକୁଡା ମଳ ଇତ୍ୟାଦି ପ୍ରୟୋଗ କରନ୍ତୁ ନାହିଁ। |
| | | Total No of Farmer : - 64249 Advisory Date :-11/26/2024 4:10:41 PM |
| C | 27 | କୋବି ଚାରା ଲଗାଇବାର ୩୦ ଦିନ ହୋଇ ଯାଇଥିଲେ ସେଥିରେ କାଳିମୁଣ୍ଡି ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ଟି ଫେରୋମୋନଟ୍ରାପ (ସଙ୍ଗ ଆକର୍ଷକ ଯନ୍ତା)କୁ ଲ୍ୟୋଡୋଲିଓର ଲଗାଇ କିଆରୀରେ ବସାନ୍ତୁ। |
| | | Total No of Farmer : - 101044 Advisory Date :-11/23/2024 5:23:34 PM |
| C | 26 | ଚିନାବାଦାମ ଫସଲରେ ଘାସ ନିୟନ୍ତ୍ରଣ ପାଇଁ ବୁଣିବାର ୧-୨ ଦିନ ମଧ୍ୟରେ ଜମିରେ ବତର ଥିବା ଅବସ୍ଥାରେ ୧ ଲିଟର ପେଣ୍ଡିମେଥାଲିନ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 149465 Advisory Date :-11/23/2024 5:20:06 PM |
| C | 25 | ଲଙ୍କା ଚାରା ରୋଇବାର ୨ ଦିନ ପୂର୍ବରୁ ଏକର ପିଛା ୧ କ୍ୟୁଣ୍ଟାଲ ନିମ ପିଡିଆକୁ ମାଟିରେ ଦିଅନ୍ତୁ। ଏହା ଦ୍ୱାରା ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଓ ଅଷ୍ଟପଦୀର ପ୍ରାଦୁର୍ଭାବ କମ୍ ରହିଥାଏ। |
| | | Total No of Farmer : - 101047 Advisory Date :-11/22/2024 12:37:36 PM |
| C | 24 | ଚିନାବାଦାମ ଚାଷରେ ବିହନ ବୁଣିବାର ୭ ଦିନ ପୂର୍ବରୁ ୧ କି.ଗ୍ରା ବିହନ ପ୍ରତି ୨.୫ ଗ୍ରାମ ଭିଟାଭାକ୍ସ ପାୱାର ଗୋଳାଇ ବିହନ ବିଶୋଧନ କରନ୍ତୁ। ବୁଣିବା ପୂର୍ବଦିନ ବୀଜାଣୁ ସାର ଉପଚାର ପାଇଁ ୧ କି.ଗ୍ରା ବିହନରେ ୫୦ ଗ୍ରାମ ରାଇଜୋବିୟମ ଗୁଣ୍ଡ କିମ୍ବା ୧୦ ମି.ଲି ତରଳ ରାଇଜୋବିୟମକୁ ଗୋଳାଇ ୧୦ ଘଣ୍ଟା ଛାଇରେ ଶୁଖାଇ ଜମିରେ ବୁଣନ୍ତୁ। |
| | | Total No of Farmer : - 149477 Advisory Date :-11/22/2024 12:29:06 PM |
| F | 23 | ମାଛମାନଙ୍କର ଲାଞ୍ଜ ଓ ପକ୍ଷ ଛିଣ୍ଡା ରୋଗର ନିରାକରଣ ପାଇଁ ୨୦୦ ଲିଟର ପାଣିରେ ୧୦୦ ଗ୍ରାମ ତୁତିଆ (କପର ସଲଫେଟ୍)ର ଦ୍ରବଣ ପ୍ରସ୍ତୁତ କରି ମାଛମାନଙ୍କୁ ବୁଡାଇ ଛାଡନ୍ତୁ। |
| | | Total No of Farmer : - 64249 Advisory Date :-11/4/2024 3:44:09 PM |
| C | 22 | ଧାନ ଫସଲରେ କାଣ୍ଡବିନ୍ଧା ପୋକର ପ୍ରାଦୁର୍ଭାବ ଦେଖାଗଲେ ଫିପ୍ରୋନିଲ ୫ ଏସ୍.ସି.କୁ ଏକର ପ୍ରତି ୪୦୦ ମି.ଲି. ହିସାବରେ ୧୨ ରୁ ୧୩ ଡ୍ରମ ସିଞ୍ଚନ କରନ୍ତୁ। |
| | | Total No of Farmer : - 149480 Advisory Date :-11/4/2024 3:42:31 PM |
| C | 21 | ପାଚିଯାଇଥିବା ଧାନ ପାଣିରେ ବୁଡି କିମ୍ବା ପଡି ଯାଇଥିଲେ, ଗଜା ହେବାର ସମ୍ଭାବନା ଥାଏ। ଏଣୁ ଜଳ ନିଷ୍କାସନ କରି ଫସଲରେ ୮୫ ପ୍ରତିଶତ କେଣ୍ଡା ପାଚି ଯାଇଥିଲେ ଅମଳ କରି ଶୁଖାଇବା ବ୍ୟବସ୍ଥା କରନ୍ତୁ। |
| | | Total No of Farmer : - 101046 Advisory Date :-10/29/2024 9:55:49 PM |
| A | 20 | ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡ଼ା ଦ୍ୱାରା ଦୁର୍ନୀତି ବିରୁଦ୍ଧରେ ବାର୍ତ୍ତା : ଅଧର୍ମ ବିତ୍ତ ବଢ଼େ ବହୁତ, ଗଲାବେଳେ ଯାଏ ମୂଳ ସହିତ। |
| | | Total No of Farmer : - 151156 Advisory Date :-10/29/2024 9:53:45 PM |
| W | 19 | ବାତ୍ୟା 'ଦାନା' ପ୍ରଭାବରେ ଯଦି ଧାନ ଗଛଗୁଡିକ ପଡି ଯାଇଥିବ, ବିଲରୁ ଜଳ ନିଷ୍କାସନ କରି ୩ ରୁ ୪ ବୁଦାକୁ ମିଶାଇ ଭେଳା ବାନ୍ଧି ଠିଆ କରି ରଖନ୍ତୁ। ଏକର ପ୍ରତି ୧୦ ରୁ ୧୨ କି.ଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ। |
| | | Total No of Farmer : - 149476 Advisory Date :-10/29/2024 9:51:00 PM |
| W | 18 | ସାମ୍ଭାବ୍ୟ ଅତି ପ୍ରବଳ ବର୍ଷା ଦ୍ୱାରା ପୋଖରୀ ପୂର୍ଣ୍ଣ ହୋଇ ଜଳ ହୁଡା ଉପର ଦେଇ ପ୍ରବାହିତ ହେବାର ସମ୍ଭାବନା ରହିଛି। ତେଣୁ ପୋଖରୀରେ ଥିବା ବିକ୍ରୀଯୋଗ୍ୟ ମାଛକୁ ଅମଳ କରିବା ସହ ହୁଡା ମରାମତି ଓ ଜାଲ ଦ୍ୱାରା ହୁଡାକୁ ସୁରକ୍ଷିତ କରନ୍ତୁ। |

| | | |
|---|---|---|
| | | Total No of Farmer : - 64249 Advisory Date :-10/21/2024 9:05:10 PM |
| W | 17 | ସାମ୍ଭାବ୍ୟ ବାତ୍ୟା ଓ ଅତି ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ବର୍ଷା ଆରମ୍ଭ ପୂର୍ବରୁ ଧାନ କେଣ୍ଡା ୮୫ ଭାଗ ପାଚି ଯାଇଥିବା ସଅଳ କିସମ ଧାନକୁ ତୁରନ୍ତ କାଟି ନେଇ ସୁରକ୍ଷିତ ସ୍ଥାନରେ ରଖନ୍ତୁ। ଜମିରେ ଠିଆ ହୋଇଥିବା ଧାନ ଫସଲରୁ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରନ୍ତୁ। ସାର କୀଟନାଶକ ଓ ଜଳସେଚନ ସାମୟିକ ଭାବରେ ବନ୍ଦ ରଖନ୍ତୁ। |
| | | Total No of Farmer : - 149476 Advisory Date :-10/21/2024 9:00:42 PM |
| W | 16 | ଆଗାମୀ ସାମ୍ଭାବ୍ୟ ବାତ୍ୟା ଓ ବର୍ଷାକୁ ଲକ୍ଷ୍ୟକରି ପନିପରିବା ଫସଲରେ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ସାର, କୀଟନାଶକ ଓ ଜଳସେଚନ ସାମୟିକ ଭାବରେ ବନ୍ଦ ରଖନ୍ତୁ। |
| | | Total No of Farmer : - 101046 Advisory Date :-10/21/2024 8:56:21 PM |
| W | 15 | ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବାତ୍ୟା 'ଦାନା'ର ପ୍ରଭାବରେ ଅକ୍ଟୋବର ୨୩ ରୁ ୨୫ ଯାଏ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଚାଷୀଭାଇ ନିଜର ପାଚି ଯାଇଥିବା ଫସଲକୁ ଅମଳକରି ବିଲରେ ଥିବା ଫସଲରେ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ଗାଇ, ଛେଳି, ମେଣ୍ଢା, କୁକୁଡା ପ୍ରଭୃତି ଜୀବଜନ୍ତୁ ଓ ମାଛକୁ ସୁରକ୍ଷିତ ରଖନ୍ତୁ। |
| | | Total No of Farmer : - 108281 Advisory Date :-10/21/2024 8:53:15 PM |
| F | 14 | ପୋଖରୀରେ ଦ୍ରବୀଭୂତ ଅମ୍ଳଜାନର ପରିମାଣ କମିଗଲେ ଅକ୍ସିଜେନ ପାଇଡର ଯଥା କ୍ୟାଲସିୟମ ପେରକ୍ସାଇଡ, ହାଇଡ୍ରୋଜେନ ପେରକ୍ସାଇଡ ୫୦୦ ଗ୍ରାମକୁ ୧୦ କି.ଗ୍ରା. ବାଲିରେ ମିଶାଇ ଏକ ଏକର ପୋଖରୀରେ ପ୍ରୟୋଗ କରନ୍ତୁ। |
| | | Total No of Farmer : - 64249 Advisory Date :-9/6/2024 9:53:36 AM |
| C | 13 | ଧାନ ଫସଲରେ ମୂଳ ସଢା ରୋଗ ଦେଖାଗଲେ ଆଜୋକ୍ସିଷ୍ଟ୍ରବିନ ୧୮.୨% ସହ ଡାଇଫେନକୋନାଜୋଲ ୧୧.୪% ମିଶ୍ରିତ ଫିମ୍ପିନାଶକକୁ ଏକର ପ୍ରତି ୨୦୦ ମି.ଲି. ହିସାବରେ ୧୨ ରୁ ୧୩ ଡ୍ରମ ସିଞ୍ଚନ କରନ୍ତୁ। |
| | | Total No of Farmer : - 149465 Advisory Date :-9/6/2024 9:51:43 AM |
| F | 12 | ପରିପୁରକ ଖାଦ୍ୟ ହିସାବରେ ପୋଖରୀରେ ଭାସମାନ ମାଛ ଖାଦ୍ୟ ସମୁଦାୟ ମାଛ ଶରୀର ଓଜନର ୨ ପ୍ରତିଶତ ହିସାବରେ ସକାଳେ ଓ ସନ୍ଧ୍ୟାରେ ମାଛକୁ ଖାଇବାକୁ ଦିଅନ୍ତୁ। |
| | | Total No of Farmer : - 64249 Advisory Date :-8/24/2024 7:23:42 AM |
| C | 11 | କଲରା ଫସଲରେ ଫଳମାଛି ଦମନ କରିବା ପାଇଁ ଫଳମାଛି ଯନ୍ତାକୁ ଏକର ପ୍ରତି ୨୦ଟି ଲେଖାଏଁ କ୍ୟୁ ଲିଓର ଲଗାଇ ବସାନ୍ତୁ। |
| | | Total No of Farmer : - 149480 Advisory Date :-8/24/2024 7:21:38 AM |
| C | 10 | ଧାନ ଫସଲରେ ତଳି ଘେରାରେ ବ୍ୟାକ୍ଟେରିଆ ଜନିତ ପତ୍ର ପୋଡା ରୋଗ ଦେଖାଗଲେ ୧୫ ଲିଟର ପାଣିରେ ୩୫ ଗ୍ରାମ କପର ଅକ୍ସି କ୍ଲୋରାଇଡ ସହିତ ୧୫ ଗ୍ରାମ ପ୍ଲାଣ୍ଟୋମାଇସିନ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 149465 Advisory Date :-7/30/2024 10:13:08 AM |
| F | 9 | ମାଛ ଚାଷରୁ ଅଧିକ ଅମଳ ଓ ଲାଭ ପାଇଁ ହେକ୍ଟର ପ୍ରତି ୫୦୦୦ ଗୋଟି ବର୍ଷିକୀୟା ମୁଣ୍ଡା ଯାଆଁଳ (ଭାକୁର: ରୋହି: ମିରିକାଳୀ @ ୩:୪:୩) ଅନୁପାତରେ ଛାଡନ୍ତୁ। |
| | | Total No of Farmer : - 64249 Advisory Date :-7/30/2024 9:58:01 AM |
| C | 8 | ଧାନ ଚାଷ ଜମିରେ ଜିଙ୍କ ଓ ବୋରନ ଅଭାବ ଦେଖା ଦେଉଥିଲେ, ଶେଷ ଓଡ ଚାଷ ସମୟରେ ଏକର ପିଛା ୧୦ କି.ଗ୍ରା ଜିଙ୍କ ସଲଫେଟ ଓ ୪ କି.ଗ୍ରା ବୋରାକ୍ସ ସାରକୁ ମାଟିରେ ଭଲ ଭାବରେ ମିଶାଇ ଦିଅନ୍ତୁ। |
| | | Total No of Farmer : - 149477 Advisory Date :-7/23/2024 7:48:06 AM |

| | | |
|---|---|---|
| C | 7 | କଖାରୁ ଜାତୀୟ ଫସଲରେ ଭୂତାଣୁ ଜନିତ ସାହେବୀ ରୋଗ ଦମନ କରିବା ପାଇଁ ଏକରକୁ ୨୦ ଟି ଲେଖାଏଁ ହଳଦିଆ ଅଠାଳିଆ ପଟା ବସାଇବା ସହିତ ୧୫୦୦ ପି.ପି.ଏମ ନିମତେଲକୁ ଏକର ପ୍ରତି ୧.୫ ଲି ହିସାବରେ ଫସଲରେ ସିଞ୍ଚନ କରନ୍ତୁ। |
| | | Total No of Farmer : - 101035 Advisory Date :-7/23/2024 7:45:31 AM |
| C | 6 | ବୁଣାଧାନରେ ଘାସ ନିୟନ୍ତ୍ରଣ ପାଇଁ ଘାସ ଉଠିବାର ୧୫ ରୁ ୨୦ ଦିନ ଭିତରେ ଫେନୋକ୍ସାପ୍ରପ ଇଥାଇଲ ଏକର ପ୍ରତି ୫୦୦ ମି.ଲି. ଓ ଇଥୋକ୍ସି ସଲଫ୍ୟୁରନ ଏକର ପ୍ରତି ୫୦ ମି.ଲି ମିଶ୍ରଣ କରି ପତ୍ର ସିଞ୍ଚନ କରନ୍ତୁ। |
| | | Total No of Farmer : - 149465 Advisory Date :-7/12/2024 10:28:07 AM |
| C | 5 | ଧାନ ଫସଲରେ ମହିଷା ତଥା ମୂଳସଢା ରୋଗର ପ୍ରାଦୁର୍ଭାବ କମାଇବା ପାଇଁ କାର୍ବୋକ୍ସିନ ୩୭.୫ ପ୍ରତିଶତ ସହ ଥିରାମ ୩୭.୫ କୁ କେଜି ବିହନ ପ୍ରତି ୧.୫ ଗ୍ରାମ ଗୋଳାଇ ବିହନ ବିଶୋଧନ କରି ତଳି ପକାନ୍ତୁ। |
| | | Total No of Farmer : - 149465 Advisory Date :-7/11/2024 9:25:32 AM |
| C | 4 | ଶୁଷ୍କ ବୁଣାଧାନରେ ଘାସ ନିୟନ୍ତ୍ରଣ ପାଇଁ ବୁଣିବା ପରେ ବର୍ଷା ହେବାର ୩ ଦିନ ଭିତରେ ତୃଣନାଶକ ପାଇରାଜୋ ସଲଫ୍ୟୁରନ ଏକର ପ୍ରତି ୮୦ ଗ୍ରାମ ହିସାବରେ ପ୍ରୟୋଗ କଲେ ଅଧିକାଂଶ ଘାସ ଦମନ କରିହେବ। |
| | | Total No of Farmer : - 149465 Advisory Date :-6/29/2024 9:14:14 AM |
| W | 3 | ସ୍ୱଳ୍ପ ମୌସୁମୀ ବୃଷ୍ଟିପାତ ପାଇଁ ଧାନ ତଳି ପ୍ରସ୍ତୁତ କାର୍ଯ୍ୟ ବିଳମ୍ବ ହେଉଥିଲେ, ଜଳ ଉପଲବ୍ଧ ସ୍ଥାନରେ ସାମୁହିକ ତଳିଘେରା ପ୍ରସ୍ତୁତ କରନ୍ତୁ। ଏହା ଦ୍ୱାରା ଏକାଧିକ ଚାଷୀ ଉପକୃତ ହୋଇ ପାରିବେ। |
| | | Total No of Farmer : - 149465 Advisory Date :-6/28/2024 11:26:04 AM |
| F | 2 | ବର୍ଷା ପରେ ପୋଖରୀର ପାଣି ଗୋଳିଆ ହୋଇ ଯାଇଥିଲେ ପାଣିକୁ ପରିଷ୍କାର କରିବା ପାଇଁ ଏକ ହେକ୍ଟର ପୋଖରୀରେ ୩୫୦ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ। ଏହା ଦ୍ୱାରା ପୋଖରୀ ପାଣି ବିଶୋଧିତ ତଥା ରୋଗମୁକ୍ତ ହୋଇଥାଏ। |
| | | Total No of Farmer : - 64250 Advisory Date :-6/28/2024 11:23:11 AM |
| C | 1 | ନଳିତା ଚାଷ ପାଇଁ ଭଲ ଭାବରେ ଜମି ପ୍ରସ୍ତୁତ କରି ଏକର ପ୍ରତି ୩ କି.ଗ୍ରା ବିହନକୁ ବିଶୋଧନ କରି ଧାଡିରେ ବୁଣନ୍ତୁ। ବିହନ ବିଶୋଧନ ପାଇଁ ଏକ କି.ଗ୍ରା ବିହନ ପ୍ରତି ୨ ଗ୍ରାମ ଭିଟାଭାକ୍ସ ପାୱାର କିମ୍ବା ୩ ଗ୍ରାମ କାର୍ବେଣ୍ଡାଜିମକୁ ବ୍ୟବହାର କରାଯାଇ ପାରିବ। |
| | | Total No of Farmer : - 149477 Advisory Date :-4/30/2024 3:08:12 PM |